# ଓଡିଶା ଡାହାଣୀ ଚିହ୍ନଟ ନିବାରଣ
# ଆଇନ -୨୦୧୩

# ଓଡ଼ିଶା ଡାହାଣୀ ଚିହ୍ନଟ ନିବାରଣ ଆଇନ-୨୦୧୩
## ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ

**ପ୍ର: ଓଡିଶାରେ କେଉଁ ଆଇନ୍ "ଡାହାଣୀ ଚିହ୍ନଟ" କୁ ନିୟନ୍ତ୍ରଣ କରିଥାଏ ?**

ଉ:- ଓଡିଶାରେ ହେଉଥିବା ଡାହାଣୀ ଚିହ୍ନଟ 'ଓଡିଶା ଡାହାଣୀ ଚିହ୍ନଟ ଓ ମାରଣ ନିବାରଣ ଆଇନ୍ (ଓପି ଡବ୍ଲୁ ଏଚ) ଆଇନ୍ ୨୦୧୩ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

**ପ୍ର:- ଡାହାଣୀ କହିଲେ କଣ ବୁଝାଯାଏ ?**

ଉ:- ଓଡିଶା ଡାହାଣୀ ଚିହ୍ନଟ ନିବାରଣ ଆଇନ୍ ୨୦୧୩, ଦଫା ୨ ରେ ଦିଆଯାଇଥିବା ସଂଜ୍ଞା ଅନୁଯାୟୀ ଡାହାଣୀର ଅର୍ଥ ଯେକୌଣସି ମହିଳା

(କ) ଯିଏ କି 'ଡାହାଣୀ' ଭାବେ ସର୍ବ ସମ୍ମତିରେ ଚିହ୍ନଟ ହୋଇଥିବେ, କିମ୍ବା

(ଖ) ଯାହାର, ଅନ୍ୟ ଯେକୌଣସି ଲୋକର କ୍ଷତି କଲାପରି ଶକ୍ତି ଅଛି ବୋଲି ଲୋକମାନେ ବିଶ୍ୱାସ କରନ୍ତି, କିମ୍ବା,

(ଗ) ଯାହାର ଏପରି କ୍ଷତିକାରକ ଅଭିସନ୍ଧି ଅଛି ବୋଲି ଅଭିଯୋଗ ହୋଇଥାଏ, କିମ୍ବା,

(ଘ) ଯାହାର ଏପରି ମନ୍ଦ ଶକ୍ତି ବଳରେ ଗୁଣିଗାରେଡି କରିପାରିବେ ବୋଲି ବିଶ୍ୱାସ କରାଯାଏ, କିମ୍ବା,

(ଙ) ଯିଏ ମନ୍ତ୍ର ବଳରେ ବ୍ୟକ୍ତି ବା ସ୍ଥୁଳଭାବେ ସମାଜର ଯେକୌଣସି କ୍ଷତି କରିପାରିବୁ ବୋଲି ବିଶ୍ୱାସ କରାଯାଏ ।

**ପ୍ର:- ଡାହାଣୀ ଚିହ୍ନଟ ଓ ମାରଣ କହିଲେ କଣ ବୁଝାଯାଏ ?**

ଉ:- ଓଡିଶା ଡାହାଣୀ ମାରଣ ନିବାରଣ ଆଇନ୍ ୨୦୧୩, ଦଫା ୨ ଅନୁସାରେ :-

କୌଣସି ବ୍ୟକ୍ତିଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡିକୁ କରିବା ବା ଜାଣିଶୁଣି ଆଖିବୁଜି ଦେବାକୁ 'ଡାହାଣୀ ମାରଣ ବୋଲି ବୁଝାଯାଏ ଯଥା:-

- କୌଣସି ମହିଳାଙ୍କୁ ଡାହାଣୀ ବୋଲି ଚିହ୍ନଟ କରିବା, ଦୋଷାରୋପ କରିବା କିମ୍ବା ଅପବାଦ ଦେବା,
- ଏହି ମହିଳାମାନଙ୍କୁ ଶାରୀରିକ କିମ୍ବା ମାନସିକ ସ୍ତରରେ ହଇରାଣ କରିବା, କ୍ଷତି କରିବା ବା କ୍ଷତ୍ୟାକ୍ତ କରିବା, କିମ୍ବା ତାଙ୍କର ସମ୍ପତ୍ତିର କ୍ଷତି କରିବା ।

**ପ୍ର:- ଗୁଣି ଗାରେଡ଼ି କହିଲେ କଣ ବୁଝାଯାଏ ?**

ଉ:- ଓଡିଶା ଡାହାଣୀ ମାରଣ ନିବାରଣ ଆଇନ୍ ୨୦୧୩, ଦଫା ୨ ଅନୁଯାୟୀ ଗୁଣି ଗାରେଡ଼ିର ଅର୍ଥ ହେଲା, ଖରାପ ଉଦ୍ଦେଶ୍ୟ ରଖି କୌଣସି ଅସ୍ୱାଭାବିକ ଶକ୍ତି କିମ୍ବା ଯାଦୁ ବିଦ୍ୟା ବଳରେ କୌଣସି ଆତ୍ମାକୁ ଡାକିବା, ଅନ୍ୟର

ଶରୀରରେ ସେହି ଆତ୍ମାକୁ ପ୍ରବେଶ କରାଇବା, ହଜିଯାଇଥିବା ଜିନିଷକୁ ଖୋଜି ବାହାର କରିବା ଏବଂ ସ୍ଥାନୀୟ ଅଞ୍ଚଳରେ ଗୁଣି, ଝଡ଼ା, ଫୁଙ୍କା, ଖଟ ବିଦ୍ୟା, ବଟ ବିଦ୍ୟା, କୁଲା ବିଦ୍ୟା ବା ଅନ୍ୟ ନାମରେ ଜଣାଇବା ଏପରି କାର୍ଯ୍ୟ ସବୁକୁ ବ୍ୟବହାର କରିବା ।

## ପ୍ର:- "ଡାହାଣୀ ଚିକିତ୍ସକ" କିଏ ?

ଉ:- ଓଡିଶା ଡାହାଣୀ ମାରଣ ନିବାରଣ ଆଇନ୍ ୨୦୧୩, ଦଫା ୨ ଅନୁସାରେ ଡାହାଣୀ ଚିକିତ୍ସକ ବା ଗୁଣିଆର ଅର୍ଥ ହେଲା- ଯେକୌଣସି ବ୍ୟକ୍ତି ନିଜକୁ "ଗୁଣିଆ", ତାନ୍ତ୍ରିକ, କାଳିସି ବୋଲି ଦାବି କରୁଥିବେ କିମ୍ବା ତାଙ୍କର ଡାହାଣୀକୁ ଚିକିତ୍ସା ବା ନିୟନ୍ତ୍ରଣ କରିବା ପାଇଁ ଅସ୍ୱାଭାବିକ ଶକ୍ତିଥିବାର ବିଶ୍ୱାସ କରାଯାଉଥିବ କିମ୍ବା ସେ ପୂଜାପାଠ କରି କୌଣସି ମହିଳାଙ୍କୁ କ୍ଷତି କାରକ ଆତ୍ମାଠାରୁ ମୁକ୍ତ କରିବା କିମ୍ବା କୌଣସି ମହିଳାଙ୍କୁ ସନ୍ତାନ ପ୍ରାପ୍ତି ପାଇଁ ଆର୍ଶୀବାଦ ଦେବା କିମ୍ବା- କୌଣସି ବ୍ୟକ୍ତିଙ୍କ ତରଫରୁ ଅନ୍ୟ ଏକ ବ୍ୟକ୍ତିଙ୍କର କ୍ଷତି କରିବା ଉଦ୍ଦେଶ୍ୟରେ ପୂଜା କରିବା ପରି କାର୍ଯ୍ୟ କରୁଥିବେ ।

## ପ୍ର:- ଏହି ଆଇନ୍ କେବେଠାରୁ ଲାଗୁ ହେଲା ?

ଉ:- ଏହି ଆଇନ୍ ୨୦୧୪, ଅପ୍ରିଲ୍ ୨୫ ତାରିଖରୁ କାର୍ଯ୍ୟକାରୀ ହେଲା ।

## ପ୍ର:- ଏହି ଆଇନର ପୃଷ୍ଠଭୂମି କଣ ?

ଉ:- ଓଡିଶା ଡାହାଣୀ ଚିହ୍ନଟ ଓ ମାରଣ ଆଇନ ୨୦୧୩, ଅପ୍ରିଲ୍ ୨୫ ତାରିଖ ୨୦୧୪ ମସିହାରେ କାର୍ଯ୍ୟକାରୀ ହେଲା, ଡାହାଣୀ ମାରଣ ତଥା ଏପରି ଅନ୍ୟ କାର୍ଯ୍ୟାବଳୀର ଉଚ୍ଛେଦ ଏହାର ଲକ୍ଷ୍ୟ ଅଟେ । ଏଥିରେ ଅନ୍ତର୍ଭୁକ୍ତ ଦଣ୍ଡନୀୟ ଅପରାଧ ଗୁଡିକ ହେଲା, କୌଣସି ମହିଳାଙ୍କୁ ଡାହାଣୀ ବୋଲି ଚିହ୍ନଟ କରିବା ଏବଂ କୌଣସି ବ୍ୟକ୍ତିଙ୍କର କ୍ଷତି ବା କ୍ଷତାକ୍ତ କରିବା ଭଳି କୌଣସି କାର୍ଯ୍ୟ କରିବା, ଏପରି କାର୍ଯ୍ୟରେ ଜଡିତ ଥିବା ଗୁଣିଆ ପରି ଯେକୌଣସି ବ୍ୟକ୍ତି ବାରମ୍ବାର ଏପରି ଅପରାଧ କରିବା ବିପକ୍ଷରେ ମଧ ଦଣ୍ଡବିଧିର ବ୍ୟବସ୍ଥା ରହିଛି । ଅଜ୍ଞାନତା, ଅନ୍ଧବିଶ୍ୱାସ ଇତ୍ୟାଦି ଏହି ପ୍ରଥାର କେତେକ ମୂଳ କାରଣ ଅଟେ ।

ଏପରି ଅପରାଧକୁ ରୋକିବା ପାଇଁ ଏବଂ ଏପରି ଅନ୍ଧବିଶ୍ୱାସ ବିରୁଦ୍ଧରେ ଲୋକମାନଙ୍କ ମଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କଠୋର ପଦକ୍ଷେପ ନେବା ପାଇଁ ତଥା ଗୁଣି ଗାରେଡିକୁ ନିବାରଣ କରିବା ପାଇଁ ଏକ ସାମୁହିକ କର୍ମପନ୍ଥା ତିଆରି କରାଯାଇଛି ।

## ପ୍ର. ଡାହାଣୀ ଚିହ୍ନଟ ଓ ମାରଣରେ ପୀଡ଼ିତା ମହିଳା କଣ କରିବା ଉଚିତ ?

ଉ- ପୀଡ଼ିତା ମହିଳା ବିଭିନ୍ନ ବେସରକାରୀ ସଂସ୍ଥା କିମ୍ବା ସାମାଜିକ କର୍ମୀଙ୍କର ସାହାଯ୍ୟ ନେଇ ପାରନ୍ତି କିମ୍ବା ପୋଲିସ୍ ଷ୍ଟେସନ ଯାଇ ଏଫ୍. ଆଇ. ଆର୍ ବା ଏତଲା ଦେଇପାରନ୍ତି । ପୋଲିସ୍ /ଆରକ୍ଷୀ ଅଧିକାରୀ ଏଫ୍. ଆଇ. ଆର ର ନକଲ ମାଗଣାରେ ଦେବେ ଏବଂ ପରେ ଏହି ଘଟଣାର ନୀରିକ୍ଷଣ କରିବେ, ଯାହାଦ୍ୱାରା ପୀଡ଼ିତାକୁ ନ୍ୟାୟ ଦେବା ପାଇଁ ଘଟଣାଟି ଆଇନ୍ ଅଦାଲତର ଦୃଷ୍ଟି ଆକର୍ଷଣ କରିବ ।

## ପ୍ର- ଓଡ଼ିଶା ଡାହାଣୀ ଚିହ୍ନଟ ଓ ମାରଣ ଆଇନର ଆଇନ ସମ୍ମତ ନିର୍ଦ୍ଦେଶନାମା/ହୁକୁମ ନାମା କଣ ଅଟେ ?

ଉ- ଆଇନ୍‌ର ଧାରା ୩ ଅନୁସାରେ ଅନ୍ୟ ବ୍ୟକ୍ତିର କ୍ଷତି କରିବା ଉଦ୍ଦେଶ୍ୟ ରଖି କୌଣସି ବ୍ୟକ୍ତି ଗୁଣି ଗାରେଡି କିମ୍ବା ଡାହାଣୀ ଚିହ୍ନଟ ପ୍ରଥା ପ୍ରଚଳନ କରିପାରିବେ ନାହିଁ ।

## ପ୍ର-ଡାହାଣୀ ମାରଣ ଅପରାଧ ପାଇଁ କି କି ଦଣ୍ଡ ବିଧାନ ରହିଛି ?

ଓଡ଼ିଶା ଆଇନର ଧାରା ୪ ଅନୁସାରେ, ଡାହାଣୀ ଚିହ୍ନଟ ମାନବିକ ମର୍ଯ୍ୟାଦା ପାଇଁ ଅସମ୍ମାନ ଅଟେ । ଡାହାଣୀ ଚିହ୍ନଟ କରିଲେ, ଡାହାଣୀ ଚିହ୍ନଟ ପାଇଁ ପ୍ରବର୍ତ୍ତାଇଲେ କିମ୍ବା ଉତ୍ସାହିତ କଲେ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ୧୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ଜୋରିମାନା କିମ୍ବା ଉଭୟ କାରାଦଣ୍ଡ ଓ ଜୋରିମାନା ଦଣ୍ଡ ଦିଆଯାଏ । କୌଣସି ମହିଳାଙ୍କୁ ଡାହାଣୀ ରୂପେ ଚିହ୍ନଟ କରି କୌଣସି ଅଖାଦ୍ୟ ବା ଅସହ୍ୟ ପଦାର୍ଥ ଖାଇବାକୁ ବା ପିଇବାକୁ ବାଧ୍ୟ କଲେ କିମ୍ବା ତାର ମୁହଁ ବା ଦେହକୁ ଚିତ୍ରିତ କରି ଚାଲିବାକୁ ବାଧ୍ୟ କଲେ କିମ୍ବା ମାନବିକ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କଲାପରି ଏହି ପରି ଅନ୍ୟ କୌଣସି କାର୍ଯ୍ୟ କରିବାକୁ ବାଧ୍ୟ କଲେ କିମ୍ବା ଘରୁ ବାସଚ୍ୟୁତ କଲେ ଜୋରିମାନା ସହ ୧ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ମିଳିଥାଏ ।

## ପ୍ର-ଗୁଣି ଗାରେଡି ପାଇଁ କି କି ଦଣ୍ଡ ମିଳିଥାଏ ?

ଉ-ଓଡିଶା ଡାହାଣୀ ଚିହ୍ନଟ ଆଇନ ଧାରା ୫ ଅନୁସାରେ (ଯେକୌଣସି ବ୍ୟକ୍ତି କୌଣସି ମହିଳାଙ୍କୁ କ୍ଷତି ପହଞ୍ଚାଇବା ବା କ୍ଷତାକ୍ତ କରିବା ଉଦ୍ଦେଶ୍ୟରେ) ଗୁଣି ଗାରେଡି ବା ସେପରି ଅନ୍ୟ କୌଣସି କାର୍ଯ୍ୟ କରୁଥିଲେ ୧ ବର୍ଷରୁ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ୫ ହଜାର ଟଙ୍କା ଜୋରିମାନା କିମ୍ବା ଉଭୟ କାରାଦଣ୍ଡ ଓ ଜୋରିମାନାର ଦଣ୍ଡ ବିଧାନ ରହିଛି ।

## ପ୍ର- ଗୁଣିଆ ବା ଡାହାଣୀ ଚିକିତ୍ସକଙ୍କ ପାଇଁ କି କି ଦଣ୍ଡ ବିଧାନ ରହିଛି ?

ଉ- ଓଡ଼ିଶା ଡାହାଣୀ ଚିହ୍ନଟ ଆଇନ ଧାରା ୬ ଅନୁଯାୟୀ କୌଣସି ବ୍ୟକ୍ତି କୁ କ୍ଷତି ପହଞ୍ଚାଇବା ବା କ୍ଷତାକ୍ତ କରିବା ଉଦ୍ଦେଶ୍ୟରେ ଗୁଣି ଗାରେଡି କିମ୍ବା ସେହିପରି କୌଣସି କାର୍ଯ୍ୟ କଲେ ଏକ ବର୍ଷରୁ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଅନ୍ୟୂନ ୫୦୦୦/- ଟଙ୍କା ଜୋରିମାନା କିମ୍ବା ଉଭୟ କାରାଦଣ୍ଡ ଓ ଜୋରିମାନାର ଦଣ୍ଡ ବିଧାନ ରହିଛି ।

## ପ୍ର-ବାରମ୍ବାର ଏହି ଅପରାଧ କରୁଥିବା ଅପରାଧମାନଙ୍କ ପାଇଁ କୌଣସି ଅଧିକ ଦଣ୍ଡର ବ୍ୟବସ୍ଥା ଅଛି କି ?

ଉ-ହଁ, ଓଡିଶା ଡାହାଣୀ ଚିହ୍ନଟ ଆଇନ ଧାରା ୭ ଅନୁଯାୟୀ ପ୍ରଚଳିତ ଆଇନ ବ୍ୟବସ୍ଥାରେ ବାରମ୍ବାର ଅପରାଧ କରୁଥିବା ଅପରାଧିମାନଙ୍କ ପାଇଁ ଦଣ୍ଡ ରହିଛି । ଏହି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା କୌଣସି ବ୍ୟକ୍ତି ଦ୍ୱିତୀୟ ଥର କିମ୍ବା ତୃତୀୟଥର ପାଇଁ ଏହି ଅପରାଧ କରିଲେ ୩ ବର୍ଷ କାରାଦଣ୍ଡ ରହିଛି ।

## ପ୍ରଶ୍ନ- ଏହି ଆଇନଟି ଅନ୍ୟ କୌଣସି ଆଇନକୁ ଅସମ୍ମାନ କରେ କି ? କିମ୍ବା ଅନ୍ୟ କୌଣସି ଆଇନକୁ ପୃଥକ କି ?

ଉ- ଓଡିଶା ଡାହାଣୀ ଚିହ୍ନଟ ନିବାରଣ ଆଇନ ଧାରା ୮ ଅନୁଯାୟୀ ଏହି ଆଇନ ଅନ୍ତର୍ଭୁକ୍ତ ବ୍ୟବସ୍ଥା ଗୁଡିକ ଅନ୍ୟ ଆଇନ ସହିତ ମିଶିକରି ଅଛି, ଏହା କୌଣସି ଆଇନରୁ ପୃଥକ ନୁହେଁ ।

## ପ୍ରଶ୍ନ- ଏହି ଆଇନରେ କ୍ଷତି ପୂରଣ ପାଇଁ କି କି ବ୍ୟବସ୍ଥା ରହିଛି ?

ଉ- ଓଡିଶା ଡାହାଣୀ ଚିହ୍ନଟ ନିବାରଣ ଆଇନ ଧାରା ୯ ଅନୁଯାୟୀ ଡାହାଣୀ ଚିହ୍ନଟ ଦ୍ୱାରା ପୀଡ଼ିତାଙ୍କ ହୋଇଥିବା ଶାରୀରିକ ଓ ମାନସିକ କ୍ଷତିକୁ ବିଚାରରେ ରଖି ନ୍ୟାୟାଳୟ (କୋର୍ଟ) ଜୋରିମାନାର ପରିମାଣ ନିର୍ଦ୍ଧାରିତ କରିଥାଆନ୍ତି । ଚିକିତ୍ସା ବାବଦକୁ ଖର୍ଚ୍ଚ ଏବଂ ପୀଡ଼ିତାଙ୍କ ସମ୍ପତ୍ତିର ହୋଇଥିବା କ୍ଷତି ଏହି କ୍ଷତିର ଅର୍ନ୍ତଭୁକ୍ତ । କୋର୍ଟ ଦ୍ୱାରା ଅପରାଧିଙ୍କ ଠାରୁ ଜୋରିମାନା ଆଦାୟ କରାଯାଏ ଏବଂ ଆଦାୟ ହୋଇଥିବା ଏହି ଜୋରିମାନାର ଆଂଶିକ ବା ସମ୍ପୂର୍ଣ୍ଣ ପରିମାଣ ପୀଡ଼ିତାଙ୍କୁ କ୍ଷତି ପୂରଣ ଭାବେ ଦିଆଯାଏ ।

## ପ୍ରଶ୍ନ-ଏହି ଅପରାଧ ଧର୍ତବ୍ୟ ଏବଂ ଜାମିନିବିହୀନ ଅଟେ କି ?

ଉ- ଆଇନର ଧାରା ୧୦ ଅନୁଯାୟୀ ଡାହାଣୀ ଚିହ୍ନଟ ସମ୍ପର୍କିତ ସମସ୍ତ ଅପରାଧ ଏହି ଆଇନରେ ଧର୍ତବ୍ୟ ଏବଂ ଯାମିନିବିହୀନ ଭାବେ ଅନ୍ତର୍ଭୁକ୍ତ କରାଯାଇଛି ।

## ପ୍ରଶ୍ନ- ରାଜ୍ୟ ସରକାରଙ୍କ ଦ୍ୱାରା ନିବାରଣ କି ପଦକ୍ଷେପ ନିଆଯାଇ ପାରେ ?

ଉ- ଓଡ଼ିଶା ଡାହାଣୀ ଚିହ୍ନଟ ନିବାରଣ ଆଇନ ଧାରା ୧୦ ଅନୁସାରେ ରାଜ୍ୟ ସରକାର ଲୋକମାନଙ୍କୁ ଅନ୍ଧବିଶ୍ୱାସ ବିଷୟରେ ସଚେତନ କରାଇବା ଏବଂ ଗୁଣି ଗାରେଡ଼ି ଓ ସେହି ସମ୍ପର୍କିତ ପ୍ରଥା ଗୁଡିକ ଉପରେ ଜଣାଇବା ପାଇଁ ଯୋଜନା ତିଆରି କରିବାର ବ୍ୟବସ୍ଥା ରହିଛି ।

## ପ୍ରଶ୍ନ- ଡାହାଣୀ ଚିହ୍ନଟ ଓ ମାରଣ ନିବାରଣ କରିବା ପାଇଁ କି କି କର୍ମ ପନ୍ଥା ରହିଛି ବା କର୍ମପନ୍ଥା ଗୁଡ଼ିକ କଣ ?

ଉ- ସଯନ୍ ବିଚାରପରେ ରାଜ୍ୟରେ ଡାହାଣୀ ଚିହ୍ନଟ ପ୍ରଥା ବା କାର୍ଯ୍ୟର ନିବାରଣ ପାଇଁ ରାଜ୍ୟ ସରକାର ବିଭିନ୍ନ ପନ୍ଥାମାନ ଲାଗୁ କରିଛନ୍ତି ; ଯଥା-

### ସୂଚନା ଶିକ୍ଷା ଏବଂ ଯୋଗାଯୋଗ

- ବିଦ୍ୟାଳୟ ପାଠ୍ୟକ୍ରମରେ ଡାହାଣୀ ଚିହ୍ନଟର କୁପ୍ରଭାବ ଉପରେ ଉପଯୁକ୍ତ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କ ପାଇଁ ଗଳ୍ପ ଭିତ୍ତିକ ପରିଛେଦ ତିଆରି କରିବା (ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ)
- ସମସ୍ତ ରାଜ୍ୟରେ ଡାହାଣୀ ଚିହ୍ନଟ ପ୍ରପୀଡିତ ଅଞ୍ଚଳମାନଙ୍କରେ ଦଣ୍ଡ ବିଧି ଉପରେ ଶିକ୍ଷଣୀୟ ବିଷୟ ବସ୍ତୁ ଥିବା ହୋଡିଙ୍ଗ, ବ୍ୟାନର ଓ ପ୍ୟାମ୍ଫଲେଟ ମାନ ପ୍ରଦର୍ଶିତ କରାଯିବ । ମୟୂରଭଞ୍ଜ, ଗଞ୍ଜାମ, ରାୟଗଡା, ସୁନ୍ଦରଗଡ଼ ଜିଲ୍ଲାମାନଙ୍କୁ ସ୍ୱତନ୍ତ୍ର ଅଗ୍ରାଧିକାର (ଫୋକସ) ଦିଆଯିବା ଉଚିତ (ସୂଚନା ଓ ଲୋକ ସମ୍ପର୍କ ବିଭାଗ)
- ନାଗରିକ/ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ପାଇଁ ଓଡିଶା ଡାହାଣୀ ଚିହ୍ନଟ ଓ ନିବାରଣ ଆଇନ ୨୦୧୩ ରେ ଥିବା ଡାହାଣୀ ଚିହ୍ନଟର କୁପ୍ରଭାବ ଓ ଦଣ୍ଡବିଧିମାନ ଇଲେକ୍ଟ୍ରୋନିକ ଗଣମାଧ୍ୟମ ଓ ଖବରକାଗଜ ମାଧ୍ୟରେ ସମୟ ସମୟରେ ପ୍ରସାରିତ ହେବା ଉଚିତ । (ସୂଚନା ଓ ଲୋକ ସମ୍ପର୍କ ବିଭାଗ)
- ବେସରକାରୀ ସଂସ୍ଥା ଦ୍ୱାରା ରୋଡ ସୋ ପଥପ୍ରାନ୍ତର ନାଟକ, ପାଲା ଦାସକାଠିଆ ଘୋଡାନାଚ ପରି ଲୋକ ସଙ୍ଗୀତ ନୃତ୍ୟ ମାଧ୍ୟରେ ଗଣ ସଚେତନତା ସୃଷ୍ଟି କରିବା ଉଚିତ । ଆଦିବାସୀ ଗୋଷ୍ଠୀମାନଙ୍କ ପାଖରେ ପହଞ୍ଚିବା ପାଇଁ ଏହି ସବୁ କାର୍ଯ୍ୟକ୍ରମ ଗୁଡିକୁ ଆଞ୍ଚଳିକ ଭାଷାରେ କରାଯିବା ଉଚିତ । (ସଂସ୍କୃତି ବିଭାଗ)
- ସମସ୍ତ ରାଜ୍ୟରେ ଡାହାଣୀ ଚିହ୍ନଟ ପ୍ରପୀଡିତ ଅଂଚଳମାନଙ୍କରେ ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମମାନ କରାଯିବା ଉଚିତ । ରାଜ୍ୟର କେତେକ ଅଂଚଳରେ ଘଟୁଥିବା ଶିଶୁମାନଙ୍କୁ ଡାହାଣୀ ଚିହ୍ନଟ କରିବାର ହାନିକାରକ ପରିଣତି ବିଷୟରେ ଲୋକମାନଙ୍କୁ ଶିକ୍ଷାଦେବା ସଚେତନ କରିବା ଉଚିତ । (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ)

### ପ୍ରଶିକ୍ଷଣ ଓ ସମ୍ବେଦନଶୀଳତା କାର୍ଯ୍ୟକ୍ରମ

- ଡାହାଣୀ ଚିହ୍ନଟ କୁପ୍ରଭାବ ଏବଂ ବିଭିନ୍ନ ନିବାରଣ ପଦକ୍ଷେପ ଉପରେ ରାଜ୍ୟର ଅଙ୍ଗନବାଡି କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେବା ଉଚିତ । ଡାହାଣୀ ଚିହ୍ନଟ ଘଟୁଥିବା ଅଞ୍ଚଳର ମହିଳାମାନଙ୍କୁ ସେମାନେ ଶିକ୍ଷିତ / ଅବଗତ କରାଯିବ । (ମହିଳା ଓ ଶିଶୁ ବିକାଶ ବିଭାଗ)

- ଡାହାଣୀ ଚିହ୍ନଟର ପ୍ରଭାବ ଉପରେ ଗୋଷ୍ଠୀ ଗୁଡ଼ିକୁ ଶିକ୍ଷିତ / ଅବଗତ କରାଇବା ଓ ସଚେତନତା ସୃଷ୍ଟି କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସମ୍ବେଦନଶୀଳ କରାଇବା (ମହିଳା ଓ ଶିଶୁ ବିକାଶ ବିଭାଗ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ )

**ସମିଶ୍ରଣ ଓ ସଂଯୋଗ**

- ରାଜ୍ୟ ଅପରାଧ ବିଭାଗ ଦ୍ୱାରା ଡାହାଣୀ ଚିହ୍ନଟ ଓ ମାରଣ ପ୍ରପୀଡ଼ିତ ଗ୍ରାମ ପଞ୍ଚାୟତ ଗୋଷ୍ଠୀଗୁଡ଼ିକରେ ବିକାଶମୁଖୀ ଯୋଜନାଗୁଡିକର ସମିଶ୍ରଣଦ୍ୱାରା ନିର୍ଦ୍ଧାରିତ ଫଳପ୍ରଦ କାର୍ଯ୍ୟକ୍ରମ କରାଯାଇପାରିବ । (ଗ୍ରାମ ବିକାଶ ବିଭାଗ)
- ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଡାହାଣୀ ଚିହ୍ନଟ ଏବଂ ଏହାର ନିରାକାରଣ ଉପରେ ସଚେତନତା ସୃଷ୍ଟି କରିବା ଦିଗରେ କାମ କରିବା ପାଇଁ ବେସରକାରୀ ସଂସ୍ଥାଗୁଡିକୁ ଅଂଶୀଦାର ଭାବେ ଚିହ୍ନଟ କରିବେ। ଏହି କ୍ଷେତ୍ରରେ କାମ କରୁଥିବା ଦକ୍ଷ ବେସରକାରୀ ସଂସ୍ଥାଗୁଡିକୁ ପ୍ରତିବର୍ଷ ବାର୍ଷିକ ଜିଲ୍ଲା ଉତ୍ସବରେ ପୁରସ୍କୃତ କରାଯିବା ଉଚିତ (ସମସ୍ତ ଜିଲ୍ଲାପାଳ)

**ପୋଲିସ ଦ୍ୱାରା କରାଯାଉଥିବା କାର୍ଯ୍ୟ**

- ଡାହାଣୀ ଚିହ୍ନଟ ଘଟିବାର ସମ୍ଭାବନା ଅଛି ବୋଲି ବିଶ୍ୱାସ ଯୋଗ୍ୟ ସୂଚନା ବା ନଥି ପାଇଲେ କିମ୍ବା କୌଣସି ମହିଳାଙ୍କ ବିପକ୍ଷରେ ହୋଇଥିବା ଡାହାଣୀ ଚିହ୍ନଟ ହୋଇଥିବା ମହିଳାଙ୍କୁ ସହାୟତା ଯୋଗାଇ ଦେବାର ଯଥେଷ୍ଟ କାରଣ ଥିଲେ ପୋଲିସ୍ ଅଧିକାରୀ ସେହି ଜାଗାକୁ ଯାଇ ଡାହାଣୀ ଚିହ୍ନଟ ଓ ନିବାରଣ କରିବା ପାଇଁ ଓ ପୀଡ଼ିତାଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବେ, ଦରକାର ପଡିଲେ ଏକ ସୀକୃତିପ୍ରାପ୍ତ ଆଶ୍ରୟ ଗୃହରେ ପୀଡ଼ିତାଙ୍କୁ ଭର୍ତ୍ତି କରିବେ ।
- ଏହି ଅପରାଧ ଧର୍ତ୍ତବ୍ୟ ଓ ଜାମିନିବିହୀନ ହୋଇଥିବାରୁ ପୋଲିସ ଅଧିକାରୀ ଏକ କେଶ ଦାୟର କରିବେ ଏବଂ ଆଇନ ଅନୁଯାୟୀ ପଦକ୍ଷେପ ନେବେ ।
- ତାଙ୍କ ଉପସ୍ଥିତିରେ ଅପରାଧ ଘଟିଥିଲେ ପୋଲିସ ଅଧିକାରୀ ସନ୍ଦିଗ୍ଧ ଅପରାଧୀକୁ ଗିରଫ କରିବେ ଏବଂ ଦିଆଯାଇଥିବା ସମୟ ମଧ୍ୟରେ ଅପରାଧର ବିଚାର କରିବା ପାଇଁ  ପରିସର ଭୁକ୍ତ  ଉପଯୁକ୍ତ କୋର୍ଟ ଆଗରେ ଏହି ଅପରାଧିକୁ ଉପସ୍ଥାପନ କରାଇବେ ।
- ଆଇନର ପ୍ରଣାଳୀକୁ ଅନୁସରଣ କରି ଅପରାଧ ଘଟାଇବାରେ ବ୍ୟବହୃତ ସମସ୍ତ ଅଭିଯୋଗମୂଳକ ଜିନିଷ ପତ୍ରକୁ ପୋଲିସ ଅଧିକାରୀ ଜବତ କରିବେ ।
- କୌଣସି ପୋଲିସ ଅଧିକାରୀ ତାଙ୍କ କର୍ମକ୍ଷେତ୍ର ପରିସରର ବାହାରେ ଏହିପରି ଅପରାଧ ଘଟୁଥିବାର ବା ଘଟିବାର ସମ୍ଭାବନା ଥିବାର ଜାଣିପାରିଲେ ସିଏ ତାଙ୍କର ଦାୟିତ୍ୱରେ ଥିବା ଅଧିକାରୀ (ଅଫିସର-ଇନ-ଚାର୍ଜ) ଙ୍କୁ ଜଣାଇବେ ଯିଏ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଙ୍ଗେ ସାଙ୍ଗେ ସେହି ଜାଗାର ପୋଲିସ ଷ୍ଟେସନର (ଅଫିସର -ଇନ-ଚାର୍ଜ) ଙ୍କୁ  ସୂଚନା ଦେବେ ଏବଂ ଲିଖିତ ଅଭିଯୋଗ ମଧ୍ୟ ପଠାଇବେ। (ପୋଲିସ ଡି.ଜି ଏବଂ ଆ.ଇ.ଜି ଓଡିଶା, କଟକ, ସ୍ପେସାଲ ଡି.ଜି ପୋଲିସ, କ୍ରାଇମ, ଓଡିଶା, କଟକ / ସମସ୍ତ ଏସ. ପି / ସମସ୍ତ ଡି.ସି.ପି )

**ପ୍ରଶ୍ନ – କେଉଁ ଦେଶରେ ଡାହାଣୀ ଚିହ୍ନଟ ଓ ମାରଣ ପାଇଁ ମୃତ୍ୟୁ ଦଣ୍ଡା ଦେଶ ରହିଛି ?**

ଉ- ତନ୍ତ୍ର ବିରୁଦ୍ଧରେ କେତେକ ଦେଶରେ ଆଇନଗତ ବ୍ୟବସ୍ଥା ରହିଛି। ସାଉଦି ଆରବିଆ ହେଉଛି ଗୋଟିଏ ଦେଶ ଯେଉଁଠାରେ ଗୁଣିଗାରେଡ଼ି ବିରୁଦ୍ଧରେ ଆଇନଗତ ମୃତ୍ୟୁ ଦଣ୍ଡା ଦେଶ ରହିଛି ।

**ପ୍ରଶ୍ନ- ଡାହାଣୀ ଚିହ୍ନଟ ଓ ମାରଣର କାରଣଗୁଡିକ କଣ ?**

ଉ-ଦାରିଦ୍ର୍ୟ ମହାମାରୀ, ସାମାଜିକ ଅସ୍ଥିରତା (କ୍ରାଇସେସ) ଏବଂ ଶିକ୍ଷାର ଅଭାବ ଡାହାଣୀ ଚିହ୍ନଟର ମାରଣର କାରଣ ଅଟେ। ଅଧିକାଂଶ ସମୟରେ ଗୋଷ୍ଠୀର ଏକ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଯିଏ କି ଡାହାଣୀ ଚିହ୍ନଟ ନେତୃତ୍ୱ ନେଇଥାଏ କିମ୍ବା ଜଣେ ଗୁଣିଆ / ଡାହାଣୀ ଚିକିତ୍ସକ ଏହି ପ୍ରକ୍ରିୟା କରିବା ପାଇଁ ପାରିଶ୍ରମିକ ମାଗି କିମ୍ବା ମୃତ୍ୟୁ ବ୍ୟକ୍ତିର ଅଙ୍ଗ ବିଶେଷ ବିକ୍ରୀ କରି ଆର୍ଥିକ ଲାଭ ମଧ୍ୟ ପାଇଥାନ୍ତି।

**ପ୍ରଶ୍ନ- ଭାରତୀୟ ସମାଜରେ ଏହି ମହିଳାମାନଙ୍କୁ କିଭଳି ସମ୍ବୋଧନ କରାଯାଏ ଏବଂ କିପରି ବ୍ୟବହାର ଦେଖାଯାଏ ?**

ଉ-ସେମାନଙ୍କୁ ଚୁଡେଲ, ଡାୟନ, ଡୋହନି, ଇତ୍ୟାଦି ବିଭିନ୍ନ ନାମରେ ସମ୍ବୋଧନ କରାଯାଇଥାଏ। କିନ୍ତୁ ଦୁଃଖର ବିଷୟ ଏହା ଯେ ସେମାନଙ୍କ ପାଖରେ ଏକ ଐଶ୍ୱରୀୟ ଶକ୍ତି ଥାଏ ଯାହା ସେମାନେ ଅନ୍ୟର କ୍ଷତି କରିବା ପାଇଁ ବ୍ୟବହାର କରନ୍ତି। ତେଣୁ ଏମାନଙ୍କ କ୍ଷତିରୁ ରକ୍ଷା ପାଇବାପାଇଁ ଏହି ଲୋକମାନଙ୍କୁ ହତ୍ୟା କରିବାର ପ୍ରଥା ବା ପ୍ରଣାଳୀ ହିଁ ଡାହାଣୀ ଚିହ୍ନଟ ଓ ମାରଣ ଅଟେ। ମହିଳାମାନଙ୍କର ସମ୍ପତ୍ତିକୁ ଅକ୍ତିଆର କରିବା ପାଇଁ ଡାହାଣୀ ଚିହ୍ନଟ ନାମରେ ଲୋକମାନେ ସରଳ ସ୍ତ୍ରୀ ଲୋକମାନଙ୍କୁ ହତ୍ୟା କରୁଛନ୍ତି ବଳାତ୍କାର କରୁଛନ୍ତି ଏବଂ କେତେକ ସମୟରେ ଏହା ପ୍ରତିଶୋଧ ନେବା ପାଇଁ ଏକ ଅସ୍ତ୍ର ରୂପେ ମଧ୍ୟ ବ୍ୟବହୃତ ହେଉଛି।

**ପ୍ରଶ୍ନ- ଭାରତର କେଉଁ ରାଜ୍ୟ ମାନଙ୍କରେ ଡାହାଣୀ ଚିହ୍ନଟ ଓ ମାରଣ ବହୁଳ ଭାବରେ ଦେଖାଯାଏ?**

ଉ-ଭାରତର ୧୨ ଟି ରାଜ୍ୟରେ ଯଥା ଝାରଖଣ୍ଡ, ବିହାର, ହରିୟାଣା, ପଶ୍ଚିମ ବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ଓଡ଼ିଶା, ଛତିଶଗଡ଼, ଆସାମ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶରେ ଡାହାଣୀ ଚିହ୍ନଟ ଓ ମାରଣ ବହୁଳ ଭାବରେ ଦେଖାଯାଏ।

**ପ୍ରଶ୍ନ- ସମଗ୍ର ଦେଶରେ ଓଡ଼ିଶାର ସ୍ଥିତି କଣ ?**

ଉ-ଗତ କିଛି ବର୍ଷରେ ଗୁଣି ଗାରେଡ଼ି ପାଇଁ ଘଟୁଥିବା ହତ୍ୟାଗୁଡିକର ପଞ୍ଜିକରଣରେ ଓଡିଶା ଦ୍ୱିତୀୟ ସ୍ଥାନରେ ଅଛି। ଏହି ସାମାଜିକ ନାରକୀୟ ଘଟଣା ରୋକିବା ପାଇଁ ଓଡିଶା ଡାହାଣୀ ଚିହ୍ନଟ ଓ ମାରଣ ନିବାରଣ ଆଇନ ୨୦୧୩ର ବହୁଳ ପ୍ରଚାର ପ୍ରସାର ସତ୍ତ୍ୱେ ଏହା ମୟୂରଭଞ୍ଜ, ଗଞ୍ଜାମ, ରାୟଗଡ଼ା, ସୁନ୍ଦରଗଡ଼, କୋରାପୁଟ, ଗଜପତି, ମାଲକାନାଗିରି ଏବଂ କେନ୍ଦୁଝର ପରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ବହୁଳ ଭାବରେ ପ୍ରଚଳିତ।

**ପ୍ରଶ୍ନ- ଓଡିଶାରେ ଏପର୍ଯ୍ୟନ୍ତ କେତୋଟି କେଶ ପଞ୍ଜିକୃତ ହୋଇଛି ?**

ଉ- ୨୦୧୫ ମସିହାରେ ୫୮ ଟି କେଶ ପଞ୍ଜିକୃତ ହୋଇଥିବା ବେଳେ ଯାହା ୮୩% ଅଧିକା ହୋଇ ୨୦୧୬ ରେ ୮୩ଟି କେଶ ପଞ୍ଜିକୃତ ହୋଇଥିଲା। ଓଡିଶା ଡାହାଣୀ ଚିହ୍ନଟ ଓ ମାରଣ ନିବାରଣ ଆଇନ ୨୦୧୩, ଅଧୀନରେ ୨୦୧୭ ମସିହାରେ ୯୯ ଟି କେଶ ପଞ୍ଜିକୃତ ହୋଇଛି।

**ପ୍ରଶ୍ନ- ଓଡିଶାରେ କେଉଁ ଜିଲ୍ଲାରେ ସବୁଠାରୁ ଅଧିକ କେଶ ପଞ୍ଜିକୃତ ହୋଇଛି ?**

ଉ-ଡାହାଣୀ ଚିହ୍ନଟ ହିଂସାର ୪୯ଟି କେଶ କେନ୍ଦୁଝର ଜିଲ୍ଲାରେ ହୋଇଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ୪୨ ଟି କେଶ ପଞ୍ଜିକୃତ ହୋଇଛି।

**ପ୍ରଶ୍ନ-ଓଡ଼ିଶାରେ ଏ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ?**

ଉ-ଡାହାଣୀ ଚିହ୍ନଟ ଓ ମାରଣକୁ ନିୟନ୍ତ୍ରଣ କରିବା ପାଇଁ ଜଡ଼ିତ/ତୁରନ୍ତ ଦାୟିତ୍ୱ ବହନକାରୀ ଦଳ (ରାପିଡ୍

ରେସ୍ପନ୍ସ୍‌ଟିମ୍ / ଆର୍ ଆର୍‌ଟି ) ଗୋଷ୍ଠୀ ବା ବ୍ଲକ ସ୍ତରରେ କାର୍ଯ୍ୟ କରୁଛି । ଅଦ୍ୟାବଧି ଅତି କମ୍‌ରେ ୨୬ ଟି ଆର୍ ଆର୍‌ଟି ଗଠନ କରାଯାଇଛି । ଏହି ଦଳଗୁଡ଼ିକ, ଶିଶୁ ବିକାଶ କାର୍ଯ୍ୟକ୍ରମ ଅଧିକାରୀ, ଚିକିତ୍ସା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଥାନାର ଦାୟିତ୍ୱରେ ଥିବା ଇନସପେକ୍ଟର ଅଧିକାରୀ (ଥାନାଧିପତି), ସ୍ୱୟଂ ସହାୟକ ମହାସଂଘର ଗୋଷ୍ଠୀ ସ୍ତରୀୟ ଜଣେ କର୍ମକର୍ତ୍ତାମାନଙ୍କୁ ନେଇ ଗଠିତ । ସଚେତନତା କାର୍ଯ୍ୟକ୍ରମ ବ୍ୟତୀତ ଏହି ଦଳଗୁଡିକ ସ୍ଥାନୀୟ ପୋଲିସ୍ ଓ ଅନ୍ୟ ସଂସ୍ଥାଗୁଡିକର ମିଳିତ ଆନୁକୁଲ୍ୟ ଅପରାଧ ଗୁଡିକ ବନ୍ଦ କରିବା ବା ହ୍ରାସ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥା'ନ୍ତି ।

## ପ୍ର:- ସରକାରୀ ରିପୋର୍ଟ ଅନୁସାରେ କେତେ ଜଣ ଲୋକଙ୍କୁ ହତ୍ୟା କରାଯାଇଛି ?

ଉ- ସରକାରୀ ସର୍ବଶେଷ ସୂଚନା ଅନୁଯାୟୀ ଡାହାଣୀ ଚିହ୍ନଟ ନାମରେ ୨୦୧୭ ମସିହାରେ ୩୩୯ ଲୋକଙ୍କୁ ହତ୍ୟା କରାଯାଇଥିଲା ଏବଂ ଗୁଣି ଗାରେଡି ପାଇଁ ୧୯୯୧-୨୦୧୦ ମଧ୍ୟରେ ୨,୯୦୦ ମହିଳାଙ୍କୁ ହତ୍ୟା କରାଯାଇଥିଲା । ଏହି ପରିସଂଖ୍ୟାନଗୁଡିକ ପୁଞ୍ଜିକୃତ ହୋଇଥିବା ଘଟଣା ଗୁଡିକ ସୁଚାଇଥାଏ । କିନ୍ତୁ ଏପରି ଅନେକ ଘଟଣା ଅନ୍ତଃ ଆତ୍ମ ଭୟ କାରଣକୁ କେବେ ବି ପୁଞ୍ଜିକୃତ ହୋଇନାହିଁ ।

## ପ୍ର- ଡାହାଣୀ ଚିହ୍ନଟ ଓ ମାରଣରେ ଅନ୍ୟ ରାଜ୍ୟମାନଙ୍କରେ ସ୍ଥିତି କ'ଣ ?

ଉ- ରାଷ୍ଟ୍ର ଅପରାଧ ପଞ୍ଜିକା ଆୟୋଗ (ଏନ୍ ସି ଆର୍ ବି) ୨୦୧୭ ର ରିର୍ପୋଟ ଅନୁସାରେ, ଝାରଖଣ୍ଡରେ ଗୁଣିଗାରେଡି ଜନିତ ମୃତ୍ୟୁ ସଂଖ୍ୟା ୮୬ ହୋଇଥିବା ବେଳେ ହରିୟାଣାରେ ୪୬ଟି, ଆନ୍ଧ୍ର ପଦେଶ ଓ ଓଡିଶାରେ ୫୩ଟି ମଧ୍ୟ ପ୍ରଦେଶ ରେ ୩୭, ଛତିଶଗଡରେ ୩୫, ମହାରାଷ୍ଟ୍ରରେ ୪୧, ପଶ୍ଚିମ ବଙ୍ଗରେ ୯ଟି ଏବଂ ମେଘାଳୟରେ ୧୧ଟି ଡାହାଣୀ ଚିହ୍ନଟ ଘଟଣା ପଞ୍ଜିକୃତ ହୋଇଥିଲା ।

## ପ୍ର-ଡାହାଣୀ ଚିହ୍ନଟ ଓ ମାରଣ ସମ୍ପର୍କିତ ଆଇନ୍ ସମ୍ମତ ସୁବିଧାଗୁଡ଼ିକ କ'ଣ ?

ଉ-ଡାହାଣୀ ଚିହ୍ନଟ ପାଇଁ କୌଣସି ରାଷ୍ଟ୍ରୀୟ ଆଇନ ବ୍ୟବସ୍ଥା ନାହିଁ, ତେଣୁ ପୀଡ଼ିତାଙ୍କ ପାଇଁ ଭାରତୀୟ ପିଙ୍ଗଳ କୋର୍ଡ ୧୮୬୦ ଥିବା ସୁବିଧାଗୁଡ଼ିକୁ ଏକ ବିକଳ୍ପ ଭାବେ ବ୍ୟବହାର କରାଯାଇପାରିବ ।

ଏପରି ଘଟଣାରେ ଲାଗୁଥିବା ବିଭିନ୍ନ ଦଫାଗୁଡ଼ିକ ହେଉଛି, ହତ୍ୟା ପାଇଁ ଦଫା ୩୦୨, "ହତ୍ୟା ପାଇଁ ଉଦ୍ୟମ" ପାଇଁ ଦଫା ୩୦୭, କ୍ଷତ କରିବା ପାଇଁ ଦଫା ୩୨୩, ଦୁଷ୍କର୍ମ ଜନିତ ଦଣ୍ଡ ବିଧାନ ପାଇଁ ଦଫା ୩୭୬ ଏବଂ ମହିଳାଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ପାଇଁ ଦଫା ୩୫୪ ।

## ପ୍ର-ଅନ୍ୟ ରାଜ୍ୟମାନଙ୍କର ଭାରତୀୟ ପିଙ୍ଗଳ କୋର୍ଡ଼ ବ୍ୟତୀତ ଅନ୍ୟ କି କି ଆଇନ୍ ସମ୍ମତ ସୁବିଧାମାନ ରହିଛି ?

ଉ-ଡାହାଣୀ ଚିହ୍ନଟକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ପିଙ୍ଗଳ କୋର୍ଡ଼ ବ୍ୟତୀତ ଅନ୍ୟ ରାଜ୍ୟମାନେ ବିଭିନ୍ନ ଆଇନ ସବୁ ନିର୍ଦ୍ଧାରଣ କରିଛନ୍ତି ।

ପଛୁଆ ବର୍ଗର ହୋଇ ମଧ୍ୟ, ସାରା ଭାରତରେ, ବିହାର ହେଉଛି ପ୍ରଥମ ରାଜ୍ୟ ଯିଏ ୧୯୯୯ ମସିହାରେ ଡାହାଣୀ ଚିହ୍ନଟ ବିପକ୍ଷରେ (ଡାହାଣୀ (ଡାୟନ) ପ୍ରଥା ନିବାରଣ ଆଇନ ୧୯୯୯ ନାମରେ ଏକ ଆଇନ ପାରିତ କରିଥିଲା । ଏହାକୁ ଅନୁସରଣ କରି ମହିଳାମାନଙ୍କୁ ଅମାନୁଷିକ ଆଚରଣରୁ ରକ୍ଷା କରିବା ପାଇଁ ଓ ପୀଡ଼ିତାମାନଙ୍କୁ ଆଇନ ବ୍ୟବସ୍ଥା ଯୋଗାଇ ଦେବା ଉଦ୍ଦେଶ୍ୟରେ ୨୦୦୧ ମସିହାରେ ଝାରଖଣ୍ଡ ଗୁଣିଗାରେଡ଼ି ବିରୁଦ୍ଧ ଆଇନ ତିଆରି କଲା ।

ବସ୍ତୁତଃ କୌଣସି ଲୋକ ଅନ୍ୟ କାହାକୁ ଡାହାଣୀ ବୋଲି ଚିହ୍ନଟ କଲେ କିମ୍ବା ଡାହାଣୀକୁ ଭଲ କରିବା ପାଇଁ ଏବଂ

କ୍ଷତି ହୋଇଥିବା ସମ୍ପତିରେ ପୁନଃରୁଦ୍ଧାର ପାଇଁ ଚେଷ୍ଟା କରୁଥିଲେ ମିଳୁଥିବା ଦଣ୍ଡ ସବୁ ଏହି ଆଇନର ଧାରା ୩,୪,୫ ଓ ୬ ରେ ଉଲ୍ଲେଖଥିବା ବେଳେ, ଅପରାଧ ପାଇଁ ଜେରା କରିବାର ପ୍ରଣାଳୀ ବିଷୟରେ ଧାରା ୭ ରେ ଉଲ୍ଲେଖ ଅଛି ।

ମହାରାଷ୍ଟ୍ରରେ ଡାହାଣୀ ଚିହ୍ନଟ ବିଷୟରେ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଆଇନ୍ ନାହିଁ, ଏହି ଆଇନ ଲାଗୁହେଲେ ସେମାନଙ୍କର ପୁରାତନ ଅଧିକାର କ୍ଷୁର୍ଣ୍ଣ ହେବ ବୋଲି ବିଶ୍ୱାସ କରୁଥିବା କିଛି ଧାର୍ମିକ ଗୋଷ୍ଠୀଙ୍କ ବିରୋଧ ହିଁ ଏହାର ଏକମାତ୍ର କାରଣ । ବର୍ତ୍ତମାନ ଡାହାଣୀ ଚିହ୍ନଟ ଘଟଣା ବହୁତ ବଢି ଯିବାପରେ ରାଜ୍ୟ ସରକାର ଗୋଟିଏ ଆଇନ ପାରିତ କରିବାକୁ ଯୋଜନା କରିଛନ୍ତି ।

ପୁରୁଲିଆ, ବାଙ୍କୁରା ଓ ବିରି ଭୁମ୍ ପରି ପଶ୍ଚିମ ବଙ୍ଗର କେତେକ ଅଂଚଳରେ ମଧ୍ୟ ଏପରି ଘଟଣା ଦେଖାଯାଏ । ତଥାପି ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ କୌଣସି ଆଇନ ପ୍ରଣୟନ କରିବାରେ ସଫଳ ହୋଇପାରି ନାହାନ୍ତି । ତେଣୁ ଏହି ଅପରାଧକୁ ରୋକିବା ପାଇଁ ସମସ୍ତ ରାଜ୍ୟରେ ଲାଗୁ ହୋଇପାରିବା ଭଳି ରାଷ୍ଟ୍ରସ୍ତରୀୟ ଏକ ଆଇନର ଆବଶ୍ୟକତା ରହିଛି,

**ପ୍ର-ରାଜ୍ୟ ଆଇନଗୁଡ଼ିକ ବ୍ୟତୀତ ଅନ୍ୟ କେଉଁ ସଂସ୍ଥାଗୁଡିକ "ଡାହାଣୀ ଚିହ୍ନଟ ଓ ମାରଣ" ଅପରାଧ କୁ ନିବାରଣ ରୋକି ପାରିବେ ।**

ଉ- "ଡାହାଣୀ ଚିହ୍ନଟ ନିବାରଣ, ମହିଳାମାନଙ୍କ ସୁରକ୍ଷା ଦେବା ଏବଂ ଏକ ଶାନ୍ତି ଓ ମର୍ଯ୍ୟଦାପୂର୍ଣ୍ଣ ଜୀବନଯାପନ ପାଇଁ ଆବଶ୍ୟକୀୟ ଅଧିକାର ଗୁଡିକ ସୁନିଶ୍ଚିତ କରାଇବା ପାଇଁ ରାଜ୍ୟ ଆଇନ ଗୁଡିକ ବ୍ୟତୀତ ଅନ୍ୟ ସଂସ୍ଥାମାନ ଗଠନ କରାଯାଇଛି । 'ଡାହାଣୀ ଚିହ୍ନଟ' ପରି ସାମାଜିକ ବ୍ୟାଧିକୁ ନିବାରଣ କରିବା ଓ ସେଥିରୁ ମହିଳାମାନଙ୍କୁ ରକ୍ଷା କରିବା ପାଇଁ ଅନେକ ବେସରକାରୀ ସଂସ୍ଥା କାମ କରୁଛନ୍ତି । ସେମାନଙ୍କ ମଧ୍ୟରୁ " ରୁରାଲ୍ ଲିଟିଗେସନ୍ ଆଣ୍ଡ ଏନ୍‌ଟାଇଲମେଣ୍ଟ କେନ୍ଦ୍ର" ହେଉଛି ଅନ୍ୟତମ, ଯାହା "ଡାହାଣୀ ଚିହ୍ନଟ" ରେ ପୀଡ଼ିତ ହୋଇଥିବା ଝାରଖଣ୍ଡର ୧୦୦୦ ମହିଳାଙ୍କ ତରଫରୁ ଡାହାଣୀ ଚିହ୍ନଟ ନାମରେ ମହିଳାମାନଙ୍କୁ ହେଉଥିବା ଅତ୍ୟାଚାର ସମ୍ପର୍କରେ ସୁପ୍ରିମ୍ କୋର୍ଟ ରେ ଏକ ଜନସ୍ୱାର୍ଥ ମାମଲା ଏତଲା କରିଥିଲା ।

**ପ୍ର. ଡାହାଣୀ ଚିହ୍ନଟ ବିଷୟରେ ଆନ୍ତର୍ଜାତିକ ସନ୍ଧିମାନଙ୍କର ମନ୍ତବ୍ୟ କଣ ?**

ଉ-ସାମାଜିକ ଲିଙ୍ଗଭିତ୍ତିକ ପକ୍ଷପାତିତାରୁ ମହିଳାମାନଙ୍କୁ ରକ୍ଷା କରିବା ଏବଂ ବିଭିନ୍ନ ସନ୍ଧି ଚୁକ୍ତି ଓ ଆଇନ ଦ୍ୱାରା ଅନୁମୋଦିତ ମୌଳିକ ଅଧିକାର ଓ ନିରାପତ୍ତା ଯୋଗାଇଦେବା ପାଇଁ ଭାରତର ଏକ ଦାୟିତ୍ୱ ରହିଛି । ସାର୍ବଜନୀନ ମାନବିକ ଅଧିକାର ଘୋଷଣାପତ୍ର (ୟୁନିଭର୍ସାଲ୍ ଡିକ୍ଲାରେସନ ଅଫ ହ୍ୟୁମାନ ରାଇଟ୍‌ସ) ୧୯୪୮ ଏକ ସର୍ବବ୍ୟାପ୍ତି ଆଇନ ହିସାବରେ ଯେକୌଣସି ପକ୍ଷପାତିତାରୁ ମହିଳାମାନଙ୍କୁ ସୁରକ୍ଷା ଯୋଗାଇଥାଏ ଏବଂ ଆଇନ୍ ଆଗରେ ସମାନତାକୁ ପ୍ରୋତ୍ସାହିତ କରିଥାଏ । ଏହା ପ୍ରତ୍ୟେକ ମଣିଷର "ଜୀବନ" ଓ "ସ୍ୱାଧିନତା" ର ଅଧିକାରକୁ ସୁନିଶ୍ଚିତ କରିଥାଏ ।

**ପ୍ର .- ଆମ ସମାଜରେ ଡାହାଣୀ ଚିହ୍ନଟ ପ୍ରଥା ଅଦ୍ୟାବଧି / ଏବେ ମଧ୍ୟ କାହିଁକି ରହିଛି ?**

ଉ-ଡାହାଣୀ ଚିହ୍ନଟ ପାଇଁ କାହାକୁ ଦଣ୍ଡ ଦେବା ପାଇଁ ବିଚାରଳୟ ବା କୋର୍ଟ ପ୍ରମାଣ ଦରକାର କରିଥାଏ ଏବଂ ଏହି "ପ୍ରମାଣ" ର କଥା ପାଇଁ ହିଁ ଏବେ ମଧ୍ୟ ଡାହାଣୀ ଚିହ୍ନଟ ହୋଇଚାଲିଛି । 'ଡାହାଣୀ ଚିହ୍ନଟ' ଏପରି ଏକ ଅପରାଧ ଯାହା ସାମାଜିକ ସ୍ତରରେ ପ୍ରକାଶ ପାଇଥାଏ । ତେଣୁ ଭୟଭୀତ ହୋଇ କିମ୍ବା ଏହି ପ୍ରଥାକୁ ମାନି ନେଇଥିବାର ଲୋକମାନେ ଏହା ବିରୁଦ୍ଧରେ ନୀରବ ରହିଥା'ନ୍ତି, ଯାହା ପ୍ରମାଣ ଯୋଗାଡ କରିବାରେ ପ୍ରତିବନ୍ଧକ ସାଜିଥାଏ । ତେଣୁ ଉପଯୁକ୍ତ ପ୍ରମାଣର ଅଭାବରୁ ସଠିକ୍ ନ୍ୟାୟ ମିଳେ ନାହିଁ । ଏହା ବ୍ୟତୀତ 'ଡାହାଣୀ ଚିହ୍ନଟ' କରୁଥିବା ଲୋକମାନେ ପ୍ରାୟତଃ ପ୍ରଭାବଶାଳୀ ହୋଇଥିବାର ଦେଖାଯାଏ, ଏବଂ ଭୟ ଓ ସେମାନଙ୍କର ଧମକ ଯୋଗୁଁ ଲୋକମାନେ ସେମାନଙ୍କ ବିରୁଦ୍ଧରେ ପାଟି ଖୋଲନ୍ତି ନାହିଁ ।

**ପ୍ରଚଳିତ ଆଇନର ରୁଗଣ କାର୍ଯ୍ୟକାରିତା-** 'ଡାହାଣୀ ଚିହ୍ନଟ' ପରି ଏକ ସାମାଜିକ ଭ୍ରମକୁ ନିୟନ୍ତ୍ରଣ କରିବା ପାଇଁ ଏହି ଘଟଣାଟି ବହୁ ପରିମାଣରେ ହେଉଥିବା ରାଜ୍ୟମାନଙ୍କରେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଆଇନ ନାହିଁ ଏବଂ କୌଣସି ରାଷ୍ଟ୍ରସ୍ତରୀୟ ଆଇନ୍ ନଥିବାରୁ ଆଇନଗତ ସହାୟତାର ଅଭାବ ଯୋଗୁଁ ଯେଉଁ ରାଜ୍ୟମାନଙ୍କରେ ଏହି ଆଇନ୍‌ଟି ପ୍ରଚଳିତ ହେଉଛି ତାହା ଫଳପ୍ରଦ ହୋଇପାରୁନାହିଁ । ଆଇନ୍ ପ୍ରଣୟନ ହୋଇସାରିବା ପରେ ମଧ୍ୟ ବଢ଼ିଚାଲିଥିବା 'ଡାହାଣୀ ଚିହ୍ନଟ' ଘଟଣା ରାଜ୍ୟସ୍ତରୀୟ ଆଇନ୍‌ର ଅସଫଳତା / ନିଷ୍ପ୍ରଭତାର ପ୍ରମାଣ ଦେଇଥାଏ ।

**ରାଷ୍ଟ୍ରୀୟ ଆଇନ୍ ର ଅଭାବ:-** ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ 'ଡାହାଣୀ ଚିହ୍ନଟ' ନିବାରଣ ପାଇଁ ଭାରତରେ ରାଷ୍ଟ୍ରୀୟସ୍ତରରେ କୌଣସି ଅଧିନିୟମ କିମ୍ବା ଆଇନ୍ ନାହିଁ। ଏହା ଭାରତୀୟ ପିଙ୍ଗଳ କୋର୍ଡ୍ ଅଧିନରେ ପରିସରଭୁକ୍ତ କରାଯାଇଥାଏ ଏବଂ ଏହା ଅନୁଯାୟୀ ଦଣ୍ଡ ମଧ୍ୟ ଦିଆଯାଇଥାଏ । ତେଣୁ ସମାଜରୁ ଏହି ଘୃଣ୍ୟ ପ୍ରଥାର ମୂଳୋତ୍ପାଟନ ପାଇଁ ଏକ ଆଇନ୍‌ର ଆବଶ୍ୟକତା ରହିଛି ।

## ପ୍ର. 'ଡାହାଣୀ ଚିହ୍ନଟ' ସମ୍ପର୍କିତ ବିଷୟ ଗୁଡ଼ିକରେ କି କି ବିଶେଷ ଆଇନଗତ ହସ୍ତକ୍ଷେପ ରହିଛି ?

ଉ. ଶ୍ରୀମତୀ ଶଶିପ୍ରଭା ବିନ୍ଧାନୀ VS ଓଡିଶା ରାଜ୍ୟ, ୨୫ ଏପ୍ରିଲ୍, ୨୦୧୨, ଡବ୍ଲ୍ୟୁ.ପି.ସି.ନଂ-୧୭୬୩୮, ୨୦୧୧ରେ ବର୍ଣ୍ଣନା କରାଯାଇଥିବା ବିଷୟରେ ଆବେଦନକାରୀ ଯୁକ୍ତି ରଖିଥିଲେ ଯେ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ପକ୍ଷପାତିତା ଓ ସମସ୍ତ ପ୍ରକାର ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଦେବା ପାଇଁ ଭାରତ ସାର୍ବଜନୀନ ମାନବିକ ଅଧିକାର ଘୋଷଣା ପତ୍ରରେ ଚୁକ୍ତିବଦ୍ଧ । ଏହା ବ୍ୟତୀତ ସାମାଜିକ ଓ ରାଜନୈତିକ ଅଧିକାର ପାଇଁ ଗଠିତ ମିଳିତ ଜାତିସଂଘର ଆନ୍ତର୍ଜାତିକ ଚୁକ୍ତି ଏହା ନିର୍ଦ୍ଧାରଣ କରିଥାଏ ଯେ ପ୍ରତ୍ୟେକ ମଣିଷ ଆଇନ୍ ଆଗରେ ସମାନ ଓ ଆଇନ୍‌ର ସମାନ ବ୍ୟବହାର ପାଇଁ ହକଦାର୍ । ୧୯୬୬ ରେ ଭାରତ ଏହି ଚୁକ୍ତିରେ ମଧ୍ୟ ଚୁକ୍ତିବଦ୍ଧ । ଭାରତ, ମହିଳାଙ୍କ ବିରୁଦ୍ଧରେ ହେଉଥିବା ସମସ୍ତ ପ୍ରକାର ପକ୍ଷପାତିତାର ମୁଳୋତ୍ପାଟନ (ସି ଇ ଡି ଏ ଡବ୍ଲ୍ୟୁ) ପାଇଁ ହୋଇଥିବା ମହା ସମ୍ମିଳନୀରେ ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ଏହି ରାଜ୍ୟରେ ଘଟୁଥିବା 'ଡାହାଣୀ ଚିହ୍ନଟ' ପରି ସାମାଜିକ ବ୍ୟାଧିକୁ ହ୍ରାସ କରିବା ପାଇଁ ଯୁକ୍ତିଯୁକ୍ତ ଆଇନ୍ ପ୍ରଣୟନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ବିହାର, ଝାରଖଣ୍ଡ ଏବଂ ଛତିଶଗଡ ପରି ରାଜ୍ୟମାନେ ଏହି ପ୍ରଥାର ଦୂରୀକରଣ ପାଇଁ ପଦକ୍ଷେପ ନେଇ ସାରିଛନ୍ତି କିନ୍ତୁ ଆମ ରାଜ୍ୟ ଏହି ପ୍ରଥାର ଦୂରୀକରଣ ପାଇଁ କୌଣସି ପଦକ୍ଷେପ ନେଇ ନାହିଁ।

ତେଣୁ ଏହି ଦିଗରେ ଆଇନ୍ ପ୍ରଣୟନ କରିବା ପାଇଁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯିବା ପାଇଁ ଆବେଦନକାରୀ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ପ୍ରାର୍ଥନା କରିଛନ୍ତି । ରାଜ୍ୟ ନିମ୍ନଲିଖିତ ପଦକ୍ଷେପଗୁଡିକ ନେବା ଉଚିତ:-

- ଗୁଣିଗାରେଡିର ଦୂରୀକରଣ ପାଇଁ ଗ୍ରାମ ପଞ୍ଚାୟତ ସ୍ତରରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବା ଉଚିତ୍ ।
- ବିଭିନ୍ନ ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି "ମାନସିକ ବିକାର" କୁ ପରୀକ୍ଷା କରାଯିବା ଉଚିତ୍, କାରଣ ଏପରି ମାନସିକତା ଲୋକଙ୍କ ମନରେ ନିଜେ ଭୂତ / ପ୍ରେତ ଦ୍ୱାରା କବଳିତ ହୋଇଥିବା" ବା "ନିଜେ ଡାହାଣୀ" ବୋଲି ଭ୍ରାନ୍ତ ଧାରଣା ସୃଷ୍ଟି କରିପାରେ ।
- ସାକ୍ଷୀମାନେ ପ୍ରତିକୂଳ ନ ହେବା ପାଇଁ ସେମାନଙ୍କର ବୟାନକୁ ଭାରତୀୟ ପିଙ୍ଗଳ କୋର୍ଡ଼ ଧାରା ୧୬୪ ଅଧିନରେ ରେକର୍ଡ କରିବା ପାଇଁ ଗୁଣି ଗାରେଡି ଅପରାଧରେ ଜଡିତ ଥିବା ନିରୀକ୍ଷକ ସଂସ୍ଥା ଗୁଡିକ ପଦକ୍ଷେପ ନେବା ଉଚିତ୍ ।
- ପାରମ୍ପାରିକ ବ୍ୟବସ୍ଥାରେ ଦ୍ୱାହିଦେଇ ଯେଉଁସବୁ ପିତୃକୈନ୍ଦ୍ରିକ ମନୋଭାବ ଓ ଗତାନୁଗତିକ ବ୍ୟବହାର ଗୁଡ଼ିକ ମହିଳାମାନଙ୍କ ସହ ପକ୍ଷପାତିତା କରୁଛନ୍ତି ସେଗୁଡିକୁ ପରିବର୍ତ୍ତନ କରିବା କିମ୍ବା ମୂଳୋତ୍ପାଟନ କରିବା ପାଇଁ ଅବିଳମ୍ବେ ରଣନୀତି ଗ୍ରହଣ କରିବା ଉଚିତ୍ ।

- ବିଶେଷ କରି ଗ୍ରାମାଞ୍ଚଳରେ ଜନ ଶିକ୍ଷା କାର୍ଯ୍ୟକ୍ରମର ପ୍ରସାରଣ ମାଧ୍ୟମରେ ଏବଂ ଏପରି ପ୍ରଥାକୁ ଜୋରଜବରଦସ୍ତ ବନ୍ଦ କରି ଏହି କ୍ଷତିକାରକ ପ୍ରଥାର ସମାଧାନ ବହୁତ କଡ଼ାକଡ଼ି ଭାବରେ କରାଯିବା ଉଚିତ୍ ।
- ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରେ ସମାନତାର ବୁଝାମଣାକୁ ସୁଦୃଢ କରିବା ପାଇଁ ଗଣମାଧ୍ୟମକୁ ଲକ୍ଷ୍ୟକରି ଅଭିନବ / ନୂତନ ପ୍ରଣାଳୀ ସବୁ ବ୍ୟବହାର କରାଯିବା ଉଚିତ୍ ଏବଂ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ମହିଳାମାନଙ୍କୁ ସାକାରାତ୍ମକ ଓ ଅଣଗତାନୁଗତିକ ଅବତାରଣାକୁ ବଢାଇବା ଉଚିତ୍ ।
- କାର୍ଯ୍ୟକାରୀ ହୋଇଥିବା ଉପାୟ /ପନ୍ଥାଗୁଡିକର ପ୍ରଭାବକୁ ଯାଞ୍ଚ ଓ ସମୀକ୍ଷା କରି ପରବର୍ତ୍ତୀ ଯୁକ୍ତିଯୁକ୍ତ ପଦକ୍ଷେପ ନେବା ଉଚିତ୍ ।

## ସ୍ୱତଃ ପ୍ରବୃତ VS ଝାରଖଣ୍ଡ ରାଜ୍ୟ ଏବଂ ଅନ୍ୟାନ୍ୟ (୨୯.୦୬.୨୦୧୬ ଜେ ଏଚ ଆର ଏଚ ସି)

ଏକ ଖବର କାଗଜରେ ପ୍ରକାଶିତ ପ୍ରବନ୍ଧକୁ ଭିତ୍ତିକରି ଝାରଖଣ୍ଡର ମାନ୍ୟବର ଉଚ୍ଚନ୍ୟାୟାଳୟ ସ୍ୱତଃପ୍ରବୃତ୍ତ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ଆହୁରି ମଧ୍ୟ ବାଖ୍ୟା କରିଥିଲେ ଯେ ଗୁଣି ଗାରେଡି ପ୍ରଥାର କୁପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରିବା ପରି କୌଣସି ଫଳପ୍ରଦ ପଦକ୍ଷେପ ରାଜ୍ୟ ନେଇ ନାହାନ୍ତି । ୨୦୧୬ ମସିହା ଜୁନ୍ ମାସ ୨୯ ତାରିଖର ହିନ୍ଦୁସ୍ଥାନ ଟାଇମସ୍‌ରେ ପ୍ରକାଶିତ ତଥ୍ୟ ଅନୁସାରେ ୨୦୧୫ ଅଗଷ୍ଟ ମାସରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କେତେକ ସଚେତନକାରୀ ଭ୍ୟାନ୍‌ର ଶୁଭାରମ୍ଭ ପରେ ରାଞ୍ଚି ଜିଲ୍ଲାରେ ବହୁ ମହିଳା ଡାହାଣୀ ରୂପେ ଚିହ୍ନଟ ହୋଇଥିଲେ ଏବଂ ଆଇନର ବାହାରେ ଗ୍ରାମବାସୀମାନଙ୍କ ଦ୍ୱାରା ଭୟଙ୍କର ଦଣ୍ଡରେ ଦଣ୍ଡିତ ହୋଇଥିଲେ । ଏହି ଖବରର ଟୀକା ଥିଲା "ଡାହାଣୀ ଚିହ୍ନଟ ସଚେତନ ଭ୍ୟାନ୍‌ଗୁଡିକ ଅର୍ଥ ଅଭାବରୁ ଅବାଟରେ ଚାଲିଲା" ଖବରଟି ଏହା ମଧ୍ୟ ସୁଚାଇଥିଲା ଯେ- ସମାଜ ମଙ୍ଗଳ ସଚିବ ଶ୍ରୀ ଏମ୍. ଏସ୍ ଭାଟିଆଙ୍କୁ ଏ ସଂକ୍ରାନ୍ତରେ ଯୋଗାଯୋଗ କରାଯାଇଥିଲା ଏବଂ ସେ ବୟାନ ଦେଇଥିଲେ ଯେ ଗୁଣି ଗାରେଡ଼ି ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଆହୁରି ଶକ୍ତିଶାଳୀ / ପ୍ରଖର କାର୍ଯ୍ୟକ୍ରମର ନକ୍‌ସା ପ୍ରସ୍ତୁତ କରିବାକୁ ସେ ଉପଯୁକ୍ତ କର୍ମକର୍ତ୍ତାମାନଙ୍କୁ କହିଛନ୍ତି ଏବଂ ସେ ଏହା ମଧ୍ୟ କହିଥିଲେ ଯେ ଚଳନଶୀଳ /ମୋବାଇଲ୍ ଭ୍ୟାନ୍ ଦ୍ୱାରା ଏ ସଂକ୍ରାନ୍ତରେ ନୂତନ ପ୍ରଚାର ଆରମ୍ଭ କରାଯିବ । ଝାରଖଣ୍ଡ ଆଇନ୍ ସେବା ସଂସ୍ଥା (ଝାଲ୍‌ସା) ଦ୍ୱାରା ପ୍ରସ୍ତୁତ ସଚେତନ କାର୍ଯ୍ୟକ୍ରମର ଅଧିନରେ ଲୋକମାନଙ୍କ ପାଖରେ ପହଞ୍ଚିବା ପାଇଁ ଝାଲ୍‌ସାର ନିଜର ମୋବାଇଲ୍ ଭ୍ୟାନ୍ ମଧ୍ୟ ଅଛି । ଏହା ନିଃସନ୍ଦେହ ଯେ ଏହା ଡାହାଣୀ ଚିହ୍ନଟ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମମାନ କରିବା କିନ୍ତୁ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିଛନ୍ତି । କିନ୍ତୁ ଏହି ଗୁଡିକ ଅଧିକ ଯୁଗପୋଯୋଗୀ ଓ ସମୁଚିତ ହେବା ଉଚିତ୍ ।

ପରିଶେଷରେ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ଯେ ଯଦି ଝାଲ୍‌ସା, ରାଜ୍ୟର ସମାଜ ମଙ୍ଗଳ ବିଭାଗ ସହିତ ସମନ୍ୱୟ ରକ୍ଷା କରେ ଏବଂ ସର୍ବାଧିକ ପ୍ରଭାବିତ ଜିଲ୍ଲାମାନଙ୍କରେ ଡାହାଣୀ ଚିହ୍ନଟ ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରେ, ତେବେ ଏହା ଆଜିକାଲି ବଢୁଥିବା ଡାହାଣୀ ଚିହ୍ନଟ ପରିସ୍ଥିତିର ମୁକାବିଲା କରିପାରିବ ଓ ଏଥିରେ ଦୁର୍ଦ୍ଦଶାଗ୍ରସ୍ତ ଅନେକ ମହିଳାଙ୍କୁ ରକ୍ଷା କରିପାରିବ ।

## ଅଜଣା VS ପଶ୍ଚିମବଙ୍ଗ ଓ ଅନ୍ୟମାନେ, ଏଆଇଆର୍ ୧୯୭୯ କଲିକତା ୫୧

ଏଠାରେ ଆବେଦନକାରୀଙ୍କୁ ଗୁଣିଗାରେଡ଼ିର ସ୍ଥିତି ବିଷୟରେ ଏକ ଦଲିଲ୍ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଗରେ ଉପସ୍ଥାପନ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା । ଆବେଦନକାରୀ ଜମା କରିଥିବା ଦଲିଲ୍ ଅନୁଯାୟୀ ମାନ୍ୟବର ନ୍ୟାୟାଳୟ ସରକାର ଦ୍ୱାରା ଦିଆଯାଇଥିବା କୌଣସି ସନ୍ତୋଷଜନକ ପଦକ୍ଷେପ ପାଇଲେ ନାହିଁ ଏବଂ ନିର୍ଦ୍ଦେଶନାମା ଜାରିକଲେ ।

ଏହି ଘଟଣା /କେସ୍‌ରେ ନ୍ୟାୟାଳୟଦ୍ୱାରା ନିମ୍ନଲିଖିତ ନିର୍ଦ୍ଦେଶଗୁଡ଼ିକ ଦିଆଯାଇଥିଲା :-

କ: ପଶ୍ଚିମବଙ୍ଗ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡାହାଣୀ ଚିହ୍ନଟ ପ୍ରଥାର ବହୁଳତା ପ୍ରଚଳନ ବିଷୟରେ ନିରୀକ୍ଷଣ କରିବା ପାଇଁ ସାଧାରଣ ପ୍ରଶାସକ ଅଭିଜ୍ଞ ସମାଜଶାସ୍ତ୍ର ବିଷାରଦ ଇତ୍ୟାଦିଙ୍କୁ ନେଇ ରାଜ୍ୟ ସରକାର ଏକ କମିଟି ଗଠନ କରିବେ, ଏବଂ ଏହି କମିଟି ନିର୍ଦ୍ଦେଶ ପାଇବାର ୬ ମାସ ମଧ୍ୟରେ ଏହାର ଦଲିଲ୍ / ରିପୋର୍ଟ ରାଜ୍ୟ ସରକାରଙ୍କ ପାଖରେ ପଇଠ କରିବେ ।

ଖ. ଏହି କମିଟି ନିଜର ରିପୋର୍ଟରେ ପଶ୍ଚିମବଙ୍ଗର ଆଖିଦୃଶିଆ ଭାବେ ଡାହାଣୀ ଚିହ୍ନଟ ପ୍ରଥା ଘଟୁଥିବା ଅଞ୍ଚଳମାନଙ୍କୁ ବିଶେଷଭାବେ ଚିହ୍ନଟ କରିବେ ଏବଂ ଏହି ରିପୋର୍ଟ ଆଧାରରେ ଡାହାଣୀ ଚିହ୍ନଟ ପ୍ରଥାର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସେହି ଜିଲ୍ଲାମାନଙ୍କରେ ବିଶେଷ କୋଠରୀ (ସେଲ୍)ମାନଙ୍କରେ ସୈନ୍ୟବାହିନୀ ପାଇଁ ତଥ୍ୟ ସଂଗ୍ରହକାରୀ /(ଇଣ୍ଟେଲିଜେନସ୍) ଓ ପୋଲିସ୍ ଅଧିକାରୀମାନଙ୍କୁ ନିଯୁକ୍ତି ଦେବେ ଯେଉଁମାନେକି ସର୍ବେକ୍ଷଣ କାର୍ଯ୍ୟ କରିବେ, ଏହି ବିଷୟରେ ତଥ୍ୟ ଓ ଖବର ସଂଗ୍ରହ କରିବେ ଏବଂ ଆବଶ୍ୟକ ହେଲେ, ଏପରି ବେଆଇନ୍ ପ୍ରଥା ସଂଗଠିତ ନ ହେବା ପାଇଁ ନିବାରଣ / ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବେ ।

ଗ. ବିଶେଷ କୋଠରୀର ଅଧିକାରୀମାନେ କୌଣସି କାର୍ଯ୍ୟରେ ଡାହାଣୀ ଚିହ୍ନଟ କାର୍ଯ୍ୟକଳାପ ସଂଶ୍ଳିଷ୍ଟ ଅଛି ବୋଲି ନିଶ୍ଚିତ କଲେ, ସଙ୍ଗେ ସଙ୍ଗେ, ଦୋଷୀମାନଙ୍କ ବିରୁଦ୍ଧରେ କ୍ରିମିନାଲ୍ ମାମଲା ରୁଜୁ କରିବେ ଏବଂ ଆବଶ୍ୟକୀୟ ପ୍ରତିରୋଧ ପଦକ୍ଷେପ ମଧ୍ୟ ଗ୍ରହଣ କରିବେ ।

ଘ.ଡାହାଣୀ ଚିହ୍ନଟରେ ପୀଡ଼ିତାମାନଙ୍କୁ ଜିଲ୍ଲା ଆଇନ୍ ସହାୟତା ସେବା ସଂସ୍ଥା ମାଧ୍ୟମରେ ଯୋଗାଇ ଦିଆଯିବ। ଆଇନ୍ ସେବା ସଂସ୍ଥା ଆଇନ ୧୯୮୭ ଅଧିନରେ କ୍ଷତିଗ୍ରସ୍ତ ଲୋକମାନେ ଆଇନ୍ ସହାୟତା ପାଇବାକୁ ହକଦାର ହୋଇଥିବା ଯୋଗୁ ଏବଂ ସେମାନେ ରାଜ୍ୟ ଦ୍ୱାରା ହୋଇଥିବା ଅପରାଧର ବିପଦସଙ୍କୁଳ ସାକ୍ଷୀ ହୋଇ ଥିବାରୁ ସେମାନଙ୍କୁ ଆବଶ୍ୟକୀୟ ଡାକ୍ତରୀ ଏବଂ ମାନସିକ ସାହାଯ୍ୟ ଓ ସୁରକ୍ଷା ଯୋଗାଇ ଦିଆଯିବ ।

## ଶ୍ରୀ ରାଜୀବ କଲିଟା VS. ଆସାମ ରାଜ୍ୟ, ଏ.ଆଇ.ଆର୍ ୧୯୯୬ ଗାଉ ୪୦

ଏହି ଘଟଣାରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆସାମ ରାଜ୍ୟରେ ବହୁଳ ଭାବେ ଘଟୁଥିବା ଡାହାଣୀ ଚିହ୍ନଟର କ୍ରୁର ଏବଂ କୁକାର୍ଯ୍ୟର ପ୍ରତିରୋଧ କରିବା ପାଇଁ ଓ ଆବଶ୍ୟକୀୟ ଆଇନ୍ ପ୍ରଣୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶର ଭିତ୍ତିଭୂମି ରେ ଏକ ଜନସ୍ୱାର୍ଥ ମାମଲା ମଧ୍ୟ କରାଯାଇଥିଲା, ଏହା ପରେ ଆସାମ ଲୋକସଭା ଦ୍ୱାରା ଆସାମ ଡାହାଣୀ ଚିହ୍ନଟ (ନିବାରଣ, ନିରାକରଣ ଓ ସୁରକ୍ଷା) ବିଲ୍ ୨୦୧୫ ପାରିତ ହୋଇଥିଲା, ଯାହା ପରେ ଆସାମର ରାଜ୍ୟପାଳ ଏହି ବିଲକୁ ସ୍ୱୀକୃତି ପାଇଁ ଭାରତର ରାଷ୍ଟ୍ରପତିଙ୍କ ପାଖକୁ ପଠାଇଥିଲେ । ତା ପରେ ଏହି ବିଲ୍‌ଟି ଭାରତ ସରକାରଙ୍କ ଗୃହ ମନ୍ତ୍ରାଣାଳୟ ଦ୍ୱାରା ଗ୍ରହଣ କରାଯାଇଥିଲା ।

## ମୋହନ ସିଂ VS. ରାଜ୍ୟ ୧୯୬୩ ଏଆଇଆର୍ ୧୭୪

ଏହି ଘଟଣାରେ ରାଜସ୍ଥାନ ଡାହାଣୀ ଚିହ୍ନଟ ନିବାରଣ ବିଲ୍ ୨୦୧୫ର ଧାରା ୩/୪ ଏବଂ ଭାରତୀୟ ଦଣ୍ଡବିଧି ଆଇନ୍ ଧାରା ୩୨୩, ୩୦୮ ଅଧିନରେ ଦଣ୍ଡନୀୟ ଅପରାଧ ପାଇଁ ପ୍ରତିକ୍ଷପ ରାଜା ସମନ୍ଦ ଜିଲ୍ଲାର କେଲ୍‌ୱାଡା ପୋଲିସ୍ ଷ୍ଟେସନ୍‌ର ଏଫ୍ . ଆଇ. ଆର୍ ନଂ ୧୪୪/୨୦୧୬ ରେ ଗିରଫ ହୋଇଥିଲା ।

ଏଠାରେ ଆବେଦନକାରୀଙ୍କ ଉପରେ ଯାଦୁବୁଦ୍ୟା ପ୍ରୟୋଗ କରିବାପାଇଁ ଆବେଦନକାରୀଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ପ୍ରତିପକ୍ଷଙ୍କୁ ଡକାଯାଇଥିଲା । ଏହା ଯୁକ୍ତି /ତର୍କ ରଖାଯାଇଥିଲା ଯେ କ୍ଷତ ଓ ଏକରେ ରିପୋର୍ଟ ଅନୁଯାୟୀ ଅଭିଯୋଗକାରୀଙ୍କ ଖପୁରୀ ଏବଂ ଶରୀରର ଅନ୍ୟ ଅଂଶରେ ହାଡରେ କୌଣସି କ୍ଷତି ହୋଇନଥିବାରୁ ଭାରତୀୟ ଦଣ୍ଡବିଧି ଆଇନ୍ ଧାରା ୩୦୫ ଅନୁସାରେ ପ୍ରତିପକ୍ଷ କୌଣସି ଦଣ୍ଡନୀୟ ଅପରାଧ କରିନାହାନ୍ତି ।

ସରକାରୀ ଓକିଲଙ୍କ ଦ୍ୱାରା ଏହା ମଧ୍ୟ ତର୍କ ରଖାଯାଇଥିଲା ଯେ ଏହି ଘଟଣାର ତଦନ୍ତ ସରିଯାଇଛି ଏବଂ ଚାର୍ଜସିଟ୍ ଦାଖଲ ହୋଇସାରିଛି ଏବଂ ଏହା ମଧ୍ୟ ତର୍କ ହୋଇଥିଲା ଯେ ପ୍ରତିପକ୍ଷ ଡାହାଣୀ ଚିହ୍ନଟରେ ଜଡିତ ଥିଲେ ଏବଂ ଏହି କୋର୍ଟ ମତ ଦେଇଥିଲେ ଯେ ଯେହେତୁ ପ୍ରତିପକ୍ଷ ଡାହାଣୀ ଚିହ୍ନଟ ନାମରେ ଆବେଦନକାରୀଙ୍କୁ ଖରାପ ବ୍ୟବହାର କରିଥିଲେ ବୋଲି ଅଭିଯୋଗ ଥିଲା ।